# NATIONAL NEWS BULLETIN (ODIA)

## 29 November - 2024

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱରରେ ସର୍ବଭାରତୀୟ ପୋଲିସ ମହାନିର୍ଦ୍ଦେଶକ ଓ ନିରୀକ୍ଷକଙ୍କ ସମ୍ମିଳନୀକୁ ଆଜି ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ।

- ଆଜି ସଂଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- କ୍ରମାଗତ ଚତୁର୍ଥ ଦିନ ପାଇଁ ସଂସଦର ଉଭୟ ଗୃହର କାର୍ଯ୍ୟ ବାଧାପ୍ରାପ୍ତ ।

- ଦିନକ ପାଇଁ ଲୋକସଭା ଓ ରାଜ୍ୟସଭା ମୁଲତବୀ ।

- ଜାମ୍ମୁକାଶ୍ମୀରରେ ୭ଜଣ ଫେରାର ଆତଙ୍କବାଦୀଙ୍କ ସମ୍ପତ୍ତି ଜବତ ।

- ଶ୍ରୀଲଙ୍କାରେ ଲଘୁଚାପ ପ୍ରଭାବରେ ୧୨ ମୃତ, ୪ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ।

ଏବଂ

- ୨୦୨୫ ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନରେ ହେବ କି ନାହିଁ ସେ ନେଇ ଆଜି ହେବ ନିଷ୍ପତ୍ତି ।

# ପିଏମ୍-ଅମିତ ଶାହା ଡିଜିପି କନ୍‌ଫରେନ୍ସ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଅପରାହ୍ଣରେ ଭୁବନେଶ୍ୱରରେ ସର୍ବଭାରତୀୟ ପୋଲିସ ମହାନିର୍ଦ୍ଦେଶକ ଓ ନିରୀକ୍ଷକ ମାନଙ୍କ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଲୋକସେବା ଭବନରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମେତ ସିଆର୍‌ପିଏଫ୍, ର, ଏନ୍‌ଏସ୍‌ଜି, ଗୁଇନ୍ଦା ସଂସ୍ଥା ଓ ଏସ୍‌ପିଜିର ମୁଖ୍ୟମାନେ ଯୋଗ ଦେବେ । ଏହି ସମ୍ମିଳନୀରେ ଆଭ୍ୟନ୍ତରୀଣ ନିରାପତ୍ତା, ନୂତନ ଅପରାଧିକ ଆଇନ୍, ଉପକୂଳ ସୁରକ୍ଷା, ସାଇବର ଅପରାଧ, ମାଓ ବିପଦ ଏବଂ କୃତ୍ରିମ ବୁଦ୍ଧିମତା ଓ ଡ୍ରୋନ ଭଳି ଜ୍ଞାନକୌଶଳ ବ୍ୟବହାର କରି ସୃଷ୍ଟି ହେଉଥିବା ଆହ୍ୱାନ ଉପରେ ଆଲୋଚନା ହେବ । ଆତଙ୍କବାଦ ମୁକାବିଲା ରଣନୀତି ନେଇ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବାର ସମ୍ଭାବନା ରହିଛି । ଏହି ସମ୍ମିଳନୀରେ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ପ୍ରଦାନ କରାଯିବ ।

ସମ୍ମିଳନୀରେ ଆସନ୍ତାକାଲି ଓ ପରଦିନ ଯୋଗ ଦେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସଂଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ । ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ପାଇଁ ମୁକ୍ତ ଏବଂ ଅନୌପଚାରିକ ଆଲୋଚନାକୁ ସ୍ୱାଗତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗଭୀର ଆଗ୍ରହ ରହିଛି ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି ।

ଏହି ସମ୍ମିଳନୀରେ ବରିଷ୍ଠ ପୋଲିସ ଅଧିକାରୀ ଏବଂ ସୁରକ୍ଷା ପ୍ରଶାସକମାନଙ୍କୁ ଅପରାଧ ନିୟନ୍ତ୍ରଣ, ଆଇନ୍ ଶୃଙ୍ଖଳା ଏବଂ ଆଭ୍ୟନ୍ତରୀଣ ନିରାପତ୍ତା ସହ ଜଡିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଏକ ମଞ୍ଚ ପ୍ରଦାନ କରାଯାଇଛି ।

## ପାର୍ଲ୍ୟାମେଣ୍ଟ ଆଡଜର୍ଣ୍ଣଡ

କ୍ରମାଗତ ଚତୁର୍ଥ ଦିନ ପାଇଁ ସଂସଦର ଉଭୟ ଗୃହର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଏକ ପ୍ରମୁଖ ବ୍ୟବସାୟୀ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗ ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକର ହଟ୍ଟଗୋଳ ଯୋଗୁଁ ଲୋକସଭା ଓ ରାଜ୍ୟସଭାକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି ।

ଲୋକସଭାରେ ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି ଓ ଅନ୍ୟ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବା ସହ ସ୍ଲୋଗାନ ଦେଇଥିଲେ । ବିରୋଧୀ ସଦସ୍ୟଙ୍କ ମୁଲତବୀ ନୋଟିସ୍‌କୁ ପ୍ରତ୍ୟାଖାନ କରି ଗଠନମୂଳକ ଭୂମିକା ଗ୍ରହଣ କରିବାକୁ ବାଚସ୍ପତି ଅନୁରୋଧ କରିଥିଲେ । ସମଗ୍ର ଦେଶ ସେମାନଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିଛି ଓ ଏହା ଗଣତନ୍ତ୍ରରେ ଉପଯୁକ୍ତ ନୁହେଁ ବୋଲି ବାଚସ୍ପତି କହିବା ସହ ଦିନକପାଇଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ ।

ପୂର୍ବରୁ ଆଜି ସକାଳେ ଗୃହକାର୍ଯ୍ୟ ଆରମ୍ଭ ହେବାକ୍ଷଣି ବିରୋଧୀଦଳ ସାଂସଦମାନେ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ ।

ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳରୁ ସୁରୁଖୁରୁରେ ଚାଲିବାକୁ ସହଯୋଗ କରିବା ଲାଗି ନିବେଦନ କରିବା ସତ୍ତ୍ୱେ ହଟ୍ଟଗୋଳ ଜାରି ରହିଥିଲା । ଫଳରେ ସେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ ।

ରାଜ୍ୟସଭାରେ ଆଜି ସକାଳେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ସମାନ ଅଭିଯୋଗ ନେଇ ବିରୋଧୀଦଳ ସଦସ୍ୟମାନେ ମୁଲତବୀ ନୋଟିସ ଦେଇଥିଲେ । ତେବେ ନୋଟିସକୁ ପ୍ରତ୍ୟାଖାନ କରି ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରିବା ନେଇ ନିୟମ ୨୬୭କୁ ଅସ୍ତ୍ର କରାଯାଉଛି ବୋଲି କହିଥିଲେ । ସେ କ୍ରମାଗତ ଅଚଳାବସ୍ଥାକୁ ଯାଇ କ୍ଷୋଭପ୍ରକାଶ କରିଥିଲେ । ସେ କହିଥିଲେ ସଦସ୍ୟଙ୍କ ଏଭଳି କାର୍ଯ୍ୟକଳାପ ଲୋକାଭିମୁଖୀ ନୁହେଁ । ହଟ୍ଟଗୋଳ ମଧ୍ୟରେ ଶ୍ରୀ ଧନଖଡ ରାଜ୍ୟସଭାକୁ ଦିନକପାଇଁ ମୁଲତବୀ ରଖିଥିଲେ । ଆସନ୍ତାମାସ ୨ ତାରିଖରେ ଉଭୟ ଗୃହର ପୁଣି ବୈଠକ ବସିବ ବୋଲି ଜଣାପଡିଛି ।

## ଜେକେ-ଟେରୋରିଷ୍ଟ ପ୍ରପୋଟିଜ

ଜାମ୍ମୁ-କାଶ୍ମୀରରେ କିସ୍ତୱାର ଜିଲ୍ଲା ପୁଲିସ ପାକ୍ ଅଧିକୃତ ଜାମ୍ମୁ କାଶ୍ମୀର ଏବଂ ପାକିସ୍ତାନରୁ ସକ୍ରିୟ ଥିବା ୭ଜଣ ଫେରାର ଆତଙ୍କବାଦୀଙ୍କ ସମ୍ପତ୍ତିକୁ ଜବତ କରିଛି । ଆମ ଆକାଶବାଣୀ ଜାମ୍ମୁ ସମ୍ବାଦଦାତା

ଜଣାଇଛନ୍ତି ଯେ ସେମାନଙ୍କ ସମ୍ପତ୍ତି ଜବତ କରିବା ପାଇଁ ଅନୁସନ୍ଧାନକାରୀ ସଂସ୍ଥା ଏବଂ ଗୁଇନ୍ଦା ବିଭାଗ ପକ୍ଷରୁ ସ୍ପଷ୍ଟ ତଥ୍ୟ ମିଳିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହାପୂର୍ବରୁ ପାକିସ୍ତାନ ଅଧିକୃତ ଜାମ୍ମୁକାଶ୍ମୀର ଏବଂ ପାକିସ୍ତାନରୁ ସକ୍ରିୟ ଥିବା କିସ୍ତୱାରର ୩୬ଜଣ ଆତଙ୍କବାଦୀଙ୍କୁ ଡୋଡାସ୍ଥିତ ଏନ୍‌ଆଇଏ ସ୍ୱତନ୍ତ୍ର କୋର୍ଟ ପଳାତକ ଘୋଷଣା କରିଥିଲେ । ଆଇନ୍‌ଗତ ପ୍ରକ୍ରିୟାରେ ୭ଜଣ ଆତଙ୍କବାଦୀଙ୍କ ସମ୍ପତ୍ତି ଜବତ ପାଇଁ ଚିହ୍ନଟ କରାଯାଇଥିଲା । ଏନ୍‌ଆଇଏ ସ୍ୱତନ୍ତ୍ର ଅଦାଲତ ସମ୍ପତ୍ତି ଜବରଦଖଲ ଲାଗି ନିର୍ଦ୍ଦେଶନାମା ଜାରି କରିଥିଲେ ।

ଜବତ ସମ୍ପତ୍ତିଗୁଡ଼ିକୁ ସାଧାରଣ ଲୋକଙ୍କୁ ଅବଗତ କରାଇବା ପାଇଁ ଚିହ୍ନଟ କରାଯାଇଛି । ଅନ୍ୟପକ୍ଷରେ ଫେରାର ଥିବା ଅବଶିଷ୍ଟ ୨୯ଜଣ ଆତଙ୍କବାଦୀଙ୍କ ସମ୍ପତ୍ତି ମଧ୍ୟ ଚିହ୍ନଟ କରାଯାଇଥିବା ଜଣାପଡିଛି । ଖୁବ୍‌ଶୀଘ୍ର ସେହି ସମ୍ପତ୍ତିଗୁଡ଼ିକୁ ଜବରଦଖଲ କରାଯିବ ବୋଲି ଜାମ୍ମୁକାଶ୍ମୀର ପୁଲିସ କହିଛି । ଜାମ୍ମୁକାଶ୍ମୀର ପୁଲିସ ଆହୁରି ମଧ୍ୟ କହିଛି ଦେଶର କୌଣସି ସମ୍ପତ୍ତିକୁ ଦେଶବିରୋଧୀ କାର୍ଯ୍ୟକଳାପ ନିମନ୍ତେ ବ୍ୟବହାର କରାଯିବ ନାହିଁ ଏବଂ ଯେଉଁମାନେ ଦେଶ ବିରୋଧୀ ଉଦ୍ଦେଶ୍ୟରେ ଆତଙ୍କବାଦୀଙ୍କୁ ସମର୍ଥନ ଦେଉଛନ୍ତି ସୋମନଙ୍କୁ ଗୁରୁତର ପରିଣାମ ଭୋଗ କରିବାକୁ ପଡିବ ।

## ପିଏମ୍-ଟୁରିଜିମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ପର୍ଯ୍ୟଟନ ଦ୍ୱାରା ଅନେକଙ୍କ ଜୀବନରେ ସମୃଦ୍ଧି ଆସିବାର ସମ୍ଭାବନା ରହିଛି । ପର୍ଯ୍ୟଟନମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟକୁ ସେୟାର କରି ଶ୍ରୀ ମୋଦୀ କହିଛନ୍ତି ଦେଶର ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ୪୦ଟି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି । ସେ କହିଛନ୍ତି ଏହି ପ୍ରୟାସ ଦ୍ୱାରା ଅଧିକରୁ ଅଧିକ ଲୋକ ଭାରତର ଅତୁଳନୀୟ ପର୍ଯ୍ୟଟନ ଚମତ୍କାରିତା ଅନୁଭବ କରିପାରିବେ ।

## ପାର୍ଲାମେଣ୍ଟ-ଅପୋଜିସନ ପ୍ରୋଟେଷ୍ଟ

ଦିଲ୍ଲୀରେ ବୃଦ୍ଧି ପାଉଥିବା ଅପରାଧ ସମ୍ପର୍କରେ ଅଭିଯୋଗ କରି ଆଜି ଆମ୍ଆଦ୍ମୀ ପାର୍ଟିର ସାଂସଦ ମାନେ ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଦଳୀୟ ନେତା ସଞ୍ଜୟ ସିଂହ ଗଣମାଧ୍ୟମକୁ କହିଛନ୍ତି ଦିଲ୍ଲୀରେ ଅପରାଧ ରୋକିବା ପାଇଁ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଉଚିତ୍ । ଅନ୍ୟପକ୍ଷରେ ପଞ୍ଜାବର କଂଗ୍ରେସ ସାଂସଦମାନେ ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ଭାରତୀୟ ଖାଦ୍ୟ ନିଗମ ସର୍ବନିମ୍ନ ସହାୟକ ମୂଲ୍ୟରେ

ଫସଲ କ୍ରୟ କରୁନାହିଁ । ଫଳରେ ଚାଷୀମାନଙ୍କୁ ଏମ୍ଏସ୍ପି ଠାରୁ କମ୍ ମୂଲ୍ୟରେ ବିକ୍ରି କରିବାକୁ ପଡୁଛି । ପଞ୍ଜାବର କୃଷକମାନଙ୍କ ପ୍ରତି ଅନ୍ୟାୟ ହେଉଥିବା ଅଭିଯୋଗ କରି ପଞ୍ଜାବ କଂଗ୍ରେସ ମୁଖ୍ୟ ତଥା ସାଂସଦ ରାଜା ଓ୍ୱାରିଙ୍ଗ ଏହି ଘଟଣାରେ କେନ୍ଦ୍ର ସରକାର ତଦନ୍ତ ଲାଗି ଏକ କମିଟି ଗଠନ କରିବାକୁ ଦାବି କରିଛନ୍ତି । ଅନ୍ୟପକ୍ଷରେ ରାଜ୍ୟରେ ଡିଏପି ସାର ଉପଲବ୍ଧ ହେଉନଥିବା ସେମାନେ ଅଭିଯୋଗ କରିଛନ୍ତି ।

## ପିଏମ୍-ମଙ୍ଗଳ ମୁଣ୍ଡା

ଭଗବାନ ବିର୍ସା ମୁଣ୍ଡାଙ୍କ ବଂଶଧର ମଙ୍ଗଳ ମୁଣ୍ଡାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକପ୍ରକାଶ କରିଛନ୍ତି । ଶୋକବାର୍ତ୍ତାରେ ଶ୍ରୀ ମୋଦୀ କହିଛନ୍ତି ମଙ୍ଗଳମୁଣ୍ଡାଙ୍କ ବିୟୋଗ କେବଳ ତାଙ୍କ ପରିବାର ପାଇଁ ନୁହେଁ ବରଂ ଝାଡ଼ଖଣ୍ଡର ଆଦିବାସୀ ସଂପ୍ରଦାୟ ପାଇଁ ଏକ ଅପୂରଣୀୟ କ୍ଷତି ।

## ୟୁଜିସି ଡିଗ୍ରୀ

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ୟୁଜିସି ଖୁବ୍ଶୀଘ୍ର ଅଣ୍ଡର ଗ୍ରାଜୁଏଟ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପାଠ୍ୟକ୍ରମର ଅବଧି ହ୍ରାସ କରିବା କିମ୍ବା ବୃଦ୍ଧି କରିବା ବିକଳ୍ପ ପ୍ରଦାନ କରିବ । ଏଥିନିମନ୍ତେ ଗୃହୀତ ନିର୍ଦ୍ଦେଶାବଳୀକୁ ୟୁଜିସି ଅନୁମୋଦନ କରିଛି । ୟୁଜିସିର ଅଧ୍ୟକ୍ଷ ଏମ୍. ଜଗଦୀଶ କୁମାର

ଗଣମାଧ୍ୟମକୁ କହିଛନ୍ତି ତ୍ୱରିତ ଡିଗ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ସେମିଷ୍ଟାର ପିଛା ଅତିରିକ୍ତ କ୍ରେଡିଟ ହାସଲ କରି ୩ ବର୍ଷ କିମ୍ବା ୪ବର୍ଷର ଡିଗ୍ରୀ କମ୍ ସମୟ ମଧ୍ୟରେ ହାସଲ କରିପାରିବେ ।

ଏହି କାର୍ଯ୍ୟକ୍ରମ ଅଧୀନରେ ଛାତ୍ରଛାତ୍ରୀମାନେ ସମାନ କ୍ରେଡିଟ ହାସଲ କରିବେ । ଅନ୍ୟପକ୍ଷରେ ଛାତ୍ରଛାତ୍ରୀମାନେ ଚାହିଁଲେ ସେମାନଙ୍କ ଡିଗ୍ରୀ ସମୟସୀମାକୁ ୨ଟି ସେମିଷ୍ଟାର ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ । ଏହିସବୁ କାର୍ଯ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ମୂଲ୍ୟାଙ୍କନ ନିମନ୍ତେ ଏକ ଉଚ୍ଚଶିକ୍ଷା କମିଟି ଗଠନ କରାଯିବ ।

## ଆଇସିସି-୨୦୨୫ ଚାମ୍ପିୟନ୍ସ ଟ୍ରଫି

୨୦୨୫ ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନରେ ହେବ କି ନାହିଁ ସେ ନେଇ ଆଜି ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ ଆଇ.ସି.ସି. ଏକ ଭର୍ଚୁଆଲ୍ ବୈଠକ କରିବ । ଆସନ୍ତାବର୍ଷ ଫେବୃୟାରୀ ୧୯ରୁ ମାର୍ଚ୍ଚ ମଧ୍ୟରେ ଏହି ଚାମ୍ପିୟନ୍ସ ଟ୍ରଫି ଅନୁଷ୍ଠିତ ହେବାକୁ ଥିବାବେଳେ ଆଇ.ସି.ସି. ଏ ପର୍ଯ୍ୟନ୍ତ ଖେଳ ସୂଚୀ ପ୍ରକାଶ କରିନାହିଁ । ଆଜି ଅନୁଷ୍ଠିତ ହେବାକୁ ଥିବା ଭର୍ଚୁଆଲ୍ ବୈଠକରେ ଏହି ଟ୍ରଫି ଅନ୍ତର୍ଗତ ମ୍ୟାଚ୍ ଗୁଡ଼ିକ କେବଳ ପାକିସ୍ତାନରେ ହେବ କିମ୍ବା ହାଇବ୍ରିଡ୍ ମଡେଲ୍‌ରେ ପାକିସ୍ତାନ ସହ ଅନ୍ୟ ଦେଶରେ ମଧ୍ୟ ଆୟୋଜିତ ହେବ କି ନାହିଁ ସେ ନେଇ ନିଷ୍ପତ୍ତି ଗ୍ରହଣ କରାଯିବ । ଚାମ୍ପିୟନ୍ସ ଟ୍ରଫି ପାଇଁ

ଭାରତ ପାକିସ୍ତାନ ଗସ୍ତ କରିପବ ନାହିଁ ବୋଲି ବି.ସି.ସି.ଆଇ. ପକ୍ଷରୁ ପାକିସ୍ତାନ କ୍ରିକେଟ୍ ବୋର୍ଡ଼କୁ ଜଣାଇ ଦିଆଯିବା ପରେ ଏହି ବୈଠକ ଡକାଯାଇଛି ।

## ଶ୍ରୀଲଙ୍କା-ଡିପ୍ ଡିପ୍ରେସନ୍

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଶ୍ରୀଲଙ୍କାରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ନିଖୋଜ ଅଛନ୍ତି । ଗତକାଲି ରାତି ସୁଦ୍ଧା ଏହା ତ୍ରିଙ୍କୋମାଲି ଠାରୁ ୨୪୦ କିଲୋମିଟର ଉତ୍ତର-ପୂର୍ବ ଦିଗରେ କେନ୍ଦ୍ରଭୂତ ଥିଲା । ଏହା ପଶ୍ଚିମ ଦିଗରେ ତାମିଲନାଡୁ ଆଡ଼କୁ ଗତି କରି ଦୁର୍ବଳ ହୋଇ ଅବପାତରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।

ସୂଚନା ଅନୁଯାୟୀ ଶ୍ରୀଲଙ୍କାର ୨୪ଟି ଜିଲ୍ଲାର ୪ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଥିବା ବେଳେ ୩୪୫ଟି ସୁରକ୍ଷା ଆଶ୍ରୟ ସ୍ଥଳୀରେ ୩୬ ହଜାର ୩୩୦ ଜଣ ଆଶ୍ରୟ ନେଇଛନ୍ତି । ଲଘୁଚାପ ପ୍ରଭାବରେ ବର୍ଷା ଯୋଗୁଁ ୪ ହଜାର ୮୦୦ ଏକରରୁ ଅଧିକ ଧାନ ଫସଲ ନଷ୍ଟ ହୋଇଥିବା ବେଳେ ୨ହଜାର ୫୪ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଛି ।